CHOOSE THE WORLD YOU WANT

FAIRTRADE

ଆପଣ ଯେଉଁ ପୃଥିବୀ ଚାହାଁନ୍ତି
ତାହା ବାଛନ୍ତୁ

# ଆପଣଙ୍କ ଜଳବାୟୁ ଶପଥ ପ୍ରତି  ନିଷ୍ଠାବାନ ରୁହନ୍ତୁ -କ୍ଷୁଦ୍ର କୃଷି ଏବଂ କର୍ମଚାରୀମାନଙ୍କ ପାଇଁ ନିବେଶ କରନ୍ତୁ

**ପ୍ରିୟ ବିଶ୍ୱ ନେତୃବୃନ୍ଦ,**

ସାରା ବିଶ୍ୱରେ କୃଷିକାର୍ଯ୍ୟରେ କାମ କରୁଥିବା **1.8 ମିଲିୟନ ଫେୟାରଟ୍ରେଡ କୃଷକ ଏବଂ କର୍ମଚାରୀମାନଙ୍କ** ତରଫରୁ ଆମେ ଲେଖୁଛୁ । ସାରା ବିଶ୍ୱରେ ଟେବୁଲରେ ଲୋକମାନେ ଖାଉଥିବା ଖାଦ୍ୟକୁ ଆମେ ଉପୁଯାଉ ଏହା ସହିତ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଆମେ ଉତ୍ପାଦନ କରୁ । କିନ୍ତୁ, ବର୍ଷ ବର୍ଷ ଧରି ଜଳବାୟୁ ସଙ୍କଟ ବିଷୟରେ ମିଥ୍ୟା ପ୍ରତିଶୃତି ସହିତ ଆମର ପରିବେଶ ପ୍ରତି ବିଚାରହୀନ ଭାବରେ କରାଯାଉଥିବା କ୍ଷତି ଦ୍ୱାରା ଏହା କରିବା ପାଇଁ ଆମର କ୍ଷମତା ଦିନକୁ ଦିନ ଅତ୍ୟନ୍ତ ଖରାପ ଭାବରେ କ୍ଷତିଗ୍ରସ୍ତ ହେଉଛି ।

- **ନିର୍ଗମନ ହ୍ରାସ କରିବାକୁ ଆପଣମାନେ ଶପଥ କରିଥିଲେ**, ଯାହା ଅତ୍ୟନ୍ତ ଖରାପ ପାଣିପାଗର କାରଣ ହେଉଛି, ଯାହା ଆମର ଜମିକୁ ଶୁଷ୍କ କରୁଛି ଏବଂ ପରେ ପରେ ଜମିରେ ବନ୍ୟା ମାଡ଼ିଯାଉଛି । କିନ୍ତୁ ଆପଣଙ୍କର ଇଚ୍ଛା ଅତ୍ୟନ୍ତ କମ ରହୁଥିବାରୁ ନିର୍ଗମନ ଅତ୍ୟନ୍ତ ବିପଦଜନକ ଭାବରେ ବୃଦ୍ଧି ପାଉଛି ।

- ପାଣିପାଗର ପରିବର୍ତ୍ତନ ସତ୍ତ୍ୱେ ଖାଦ୍ୟ ଉତ୍ପାଦନ କରିବାରେ ଆମ୍ଭମାନଙ୍କୁ ସାହାଯ୍ୟ କରିବା ପାଇଁ **ଜଳବାୟୁ ଜନିତ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଆପଣମାନେ ଶପଥ କରିଥିଲେ ।** କିନ୍ତୁ କହିବାକୁ ଗଲେ ଆମ ନିକଟରେ କିଛି ବି ପହଞ୍ଚୁ ନାହିଁ ।

- ଶୋଷକ ଠାରୁ ସହଯୋଗୀ, ଏହି ଭିତିରେ **ବ୍ୟବସାୟକୁ ପରିବର୍ତ୍ତନ କରିବାକୁ ଆପଣମାନେ ଶପଥ କରିଥିଲେ** । କିନ୍ତୁ ଅଂଶୀଦାରମାନେ ବିଲିୟନ ଅର୍ଥ ରୋଜଗାର କରୁଥିବା ବେଳେ ଲକ୍ଷ ଲକ୍ଷ କୃଷକ ଦିନକୁ ଗୋଟିଏ ଡଲାରରୁ କମ ରୋଜଗାର କରନ୍ତି ।

ଏଇ ନିକଟ ମାସଗୁଡ଼ିକରେ, ଉଗାଣ୍ଡାର ଭୟାନକ ବନ୍ୟା i, ମାଡାଗାସ୍କରର ମରୁଡି ii, ସାରା ଆଫ୍ରିକା ମହାଦେଶରେ ପଙ୍ଗପାଳ ଆକ୍ରମଣକୁ iii, ମିଶାଇ ଖରାପ ପାଣିପାଗ ଯୋଗୁଁ ଫସଲ ଅତ୍ୟନ୍ତ ଖରାପ ଭାବରେ ପ୍ରଭାବିତ ହେବାର ଦେଖାଯାଇଛି । କେନ୍ଦ୍ର ଆମେରିକାରେ ଚଳିତ ବର୍ଷ ଜାନୁଆରୀ ଏବଂ ଜୁନ ମାସ ଅତ୍ୟନ୍ତ ଉତପ୍ତ ହେଲା iv, କେବଳ ହଣ୍ଡୁରାସରେ ଏଟା ଏବଂ ଲୋଟା ହରିକେନ ଯୋଗୁଁ $2 ବିଲିୟନରୁ ଅଧିକ କ୍ଷତି ଘଟିଲା, ଏହା ସହିତ ଫେୟାରଟ୍ରେଡ ଅତ୍ୟନ୍ତ ଖରାପ ଭାବରେ ପ୍ରଭାବିତ ହେଲେ v, ନୂତନ IPCC ପୂର୍ବାନୁମାନ ହେଉଛି ଯେ, ଭାରତରେ ଆମର ସଦସ୍ୟମାନେ ଅତ୍ୟନ୍ତ ତାପ ପ୍ରବାହ ବୃଦ୍ଧି, ମରୁଡି, ଏବଂ ଅନିୟମିତ ବୃଷ୍ଟିପାତର ସାମ୍ନା କରୁଛନ୍ତି vi । ଅବଶ୍ୟ ଏହା, ବିଶ୍ୱ ଆବଶ୍ୟକ କରୁଥିବା ଆମର ଖାଦ୍ୟ ଉପୁଜାଇବାର କ୍ଷମତା ଉପରେ ହାନୀ ପହଞ୍ଚାଉଛି । କାରଣ ଆମର ଜୀବିକା ଆମର ଫସଲ ସହିତ ବନ୍ଧା, ଆମମାନଙ୍କ ମଧ୍ୟରେ ପୁଣି ଦାରିଦ୍ର୍ୟ ବୃଦ୍ଧି ପାଉଛି । କିନ୍ତୁ ପ୍ରଭାବ ଆହୁରି ଗଭୀରକୁ ଯାଉଛି । ଆମର ଜମି ଏବଂ ଜଳ ପ୍ରତି କ୍ଷତି ଯୋଗୁଁ ସମ୍ବଳ ପ୍ରତି ପ୍ରତିଯୋଗୀତା ବୃଦ୍ଧି ପାଉଛି ଏବଂ କୃଷକ ଏବଂ କର୍ମଚାରୀ ଭାବରେ ଆମେ ଦିନକୁ ଦିନ ବୃଦ୍ଧି ପାଉଥିବା ସାମାଜିକ ଏବଂ ଆର୍ଥିକ ଚିନ୍ତାର ସାମ୍ନା କରୁଛୁ ।

ଏହି ଆଘାତ ଚାଷୀ ଘରର ମହିଳାମାନଙ୍କ ଉପରେ ଅସମାନୁପାତିକ ଭାବରେ ମଧ ପଡୁଛି । ଯେଉଁମାନେ ପ୍ରାୟତଃ ଅତ୍ୟନ୍ତ କମ ମଜୁରୀ ପାଆନ୍ତି, ଅତ୍ୟନ୍ତ କଠିନ ଅବସ୍ଥାରେ କାମ କରୁଛନ୍ତି । ଏହି ଅବସ୍ଥାରେ ଆମର ଯୁବ ବର୍ଗର ଲୋକମାନେ ଚାଷ କାମ କରିବାକୁ ଚାହୁଁ ନାହାଁନ୍ତି, ଏବଂ ସେମାନଙ୍କୁ କିଏ ଦୋଷ ଦେବ ? ଯଦି ଆସନ୍ତା ପିଢ଼ି କୃଷି କାମକୁ ଏକ ଦାରିଦ୍ର୍ୟ ଯନ୍ତା ଠାରୁ କମ ନୁହେଁ ବୋଲି ଗ୍ରହଣ କରନ୍ତି ତେବେ ବିଶ୍ୱ ପାଇଁ ଖାଦ୍ୟ କିଏ ଉପୁଜାଇବ ?

ଆଉ ଗୋଟିଏ କାହାଣୀ ଆମର କହିବାର ଅଛି । ସାରା ବିଶ୍ୱରେ ଆମ ଜମିରେ ଆବଶ୍ୟକ ହେଉଥିବା ପରିବର୍ତ୍ତନଗୁଡିକ  ଘଟୁଥିବାର ଆପଣ ଦେଖିପାରିବେ । ଘାନାରେ ବୃକ୍ଷ ରୋପଣ ଯାହା କୋକୋଆକୁ ସୂର୍ଯ୍ୟତାପରୁ ରକ୍ଷା କରୁଛି, କେନିଆରେ ବୃକ୍ଷ ରୋପଣ ଚା' ଗଛକୁ ବନ୍ୟାରୁ ରକ୍ଷା କରୁଛି ଏବଂ ଗୁଏଟମାଲାରେ ମହୁମାଛିମାନେ ଅଧିକ ଖାଦ୍ୟ ପାଇବା ବୃଦ୍ଧି କରୁଛି । ଆଫ୍ରିକା, ମଧ ପ୍ରାଚ୍ୟ, ଲାଟିନ ଆମେରିକା, କାରବିଆନ, ଏସିଆ, ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଫେୟାରଟ୍ରେଡ ଗୋଷ୍ଠୀମାନେ କୌଶଳଗୁଡ଼ିକ ସେୟାର କରୁଛନ୍ତି, ଯାହା କୃଷକମାନେ ସେମାନଙ୍କର ଫସଲ ସୁରକ୍ଷା କରିବା ପାଇଁ ଆବଶ୍ୟକ କରନ୍ତି ।

ଅଧିକ ଦାୟିତ୍ୱବାନ କ୍ରେତାମାନଙ୍କ ସହିତ ସହଭାଗିତା, ଆମେ ଆମର ଜମିକୁ ଅଧିକ ସ୍ଥିତିସ୍ଥାପକ କରିବା ପାଇଁ ଆବଶ୍ୟକ କରୁଥିବା ନିବେଶ ଆମକୁ ପ୍ରଦାନ କରୁଛି, ଏହା ସହିତ ପରିବହନ ଏବଂ କୃଷିକ୍ଷେତ୍ରର ନିର୍ଗମନ ବନ୍ଦ କରୁଛି । ସଠିକ ମୂଲ୍ୟ ଏବଂ ଫେୟାରଟ୍ରେଡ ପ୍ରିମିୟମ ପ୍ରଦାନ କରି ଫେୟାରଟ୍ରେଡ ବ୍ୟବସାୟଗୁଡ଼ିକ ଆମର ଭବିଷ୍ୟତ ପାଇଁ ଉପଯୁକ୍ତ ଭାବରେ ନିବେଶ କରୁଛନ୍ତି, ଆମର ସ୍ଥିତିସ୍ଥାପକ ବୃଦ୍ଧି ପାଉଛି ।

କିନ୍ତୁ ଅବଶ୍ୟ ଏହି ଜରୁରୀ କାର୍ଯ୍ୟ ମୂଲ୍ୟ ପାଇବା ଦରକାର । ଉଦାହରଣ, କଫି ଉଦ୍ୟାନରେ ବୃକ୍ଷ ରୋପଣ ସୂର୍ଯ୍ୟଙ୍କ ପ୍ରଖର କିରଣକୁ ପ୍ରତିହତ କରିବ, ଫସଲର ରୋଗ ହ୍ରାସ କରିବ ଏବଂ ବନ୍ୟାଜନିତ କ୍ଷତି ହ୍ରାସ କରିବ– କିନ୍ତୁ ଏହାର ଅର୍ଥ ହେଉଛି ଉତ୍ପାଦନ ଖର୍ଚ୍ଚ ଅଧିକ ହେଉଛି । କୃଷକମାନେ ବଞ୍ଚିବାକୁ ସ୍ୱଳ୍ପ ଆୟ ପାଉନଥିବା ବେଳେ, ଆମେ ଏପରି ଜରୁରୀ ପରିବର୍ତ୍ତନଗୁଡ଼ିକ ପାଇଁ କିପରି ଖର୍ଚ୍ଚ ବହନ କରିବୁ ?

2050 ସୁଦ୍ଧା ପରିବର୍ତ୍ତନ ବହୁତ ବିଳମ୍ବ ଅଟେ । ବର୍ତ୍ତମାନ ଅବଲମ୍ବନ ଏବଂ ଦୂରୀକରଣ ପାଇଁ ଦେବାକୁ ଥିବା ଅର୍ଥ ନିମନ୍ତେ ବିତ୍ତଶାଳୀ, ଅଧିକ ପ୍ରଦୂଷଣକାରୀ ଦେଶଗୁଡ଼ିକ, ଆପଣମାନେ ନିଶ୍ଚିତ ଭାବରେ ନିଜର ଶପଥକୁ ରକ୍ଷାକରିବା ଆବଶ୍ୟକ ।  କାର୍ବନ ନିର୍ଗମନ ବନ୍ଦ କରିବାକୁ ଆପଣମାନଙ୍କର ଶପଥକୁ ଆଉ ମନା କରାଯାଇପାରିବ ନାହିଁ । ଆମ୍ଭେମାନେ 'ନେଟ ଜିରୋ' ପ୍ରତିଶ୍ରୁତିକୁ ଗ୍ରହଣ କରିବୁ ନାହିଁ, ଯାହା ପରିବହନ ନିର୍ଗମନକୁ ଅବହେଳା କରେ କିମ୍ବା ଆମ ନିଜ ଦେଶ ଠାରୁ ଆମଦାନୀ କରାଯାଉଥିବା ସାମଗ୍ରୀ ପରିବହନ କିମ୍ବା ଫଳସ୍ୱରୂପ ଯାହା ଦ୍ୱାରା ବାସ୍ତବ ନିର୍ଗମନ ବନ୍ଦ ହୁଏ ନାହିଁ । ଆନ୍ତର୍ଜାତୀୟ ଜାହାଜ ଶିଳ୍ପ ଗୋଟିଏ ଦେଶ ହୋଇଥାଆନ୍ତା ତେବେ ଏହା ବିଶ୍ୱର ସପ୍ତମ ବୃହତ୍ତମ ନିର୍ଗମନକାରୀ ହୋଇଥାଆନ୍ତା lvii

ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେ ଆପଣଙ୍କୁ ଆହ୍ୱାନ କରୁଛୁ:

1. **ଜଳବାୟୁ ଫାଇନାନ୍ସ ପାଇଁ  $100bn ପ୍ରଦାନ କରିବାକୁ ଆପଣମାନେ କରିଥିବା ଶପଥକୁ ନିଶ୍ଚିତ ଭାବରେ ବର୍ତ୍ତମାନ ପୂରଣ କରାଯିବ ଆବଶ୍ୟକ । ଏହା ସିଧାସଳଖ କୃଷକ ଏବଂ କୃଷି କର୍ମଚାରୀଙ୍କ ନିକଟରେ ପହଞ୍ଚିବା ଦରକାର,** ଯାହା ଫଳରେ ଆମେ ବୃକ୍ଷ ରୋପଣ କରିପାରିବୁ, ଅଧିକ ସ୍ଥିତିସ୍ଥାପକ ଫସଲ କରିପାରିବୁ, ଆସନ୍ତା ତୋଫାନ ପ୍ରତି ନିଜକୁ ପ୍ରସ୍ତୁତ ରଖିପାରିବୁ– ଲଗାତାର ଭାବରେ ବିଶ୍ୱ ପାଇଁ ଖାଦ୍ୟ ଉପଯାଇ ପାରିବୁ ।

2. **ଆପଣମାନେ ନିଶ୍ଚିତ ଭାବରେ ଆପଣଙ୍କର କାର୍ବନ ନିର୍ଗମନ ପ୍ରତି ସଚ୍ଚୋଟ ରହିବା ଆବଶ୍ୟକ ଏବଂ ବୈଜ୍ଞାନିକ ଉପଦେଶ ଅନୁସାରେ ସେଗୁଡିକୁ ସୀମା ମଧ୍ୟରେ ରଖିବାର ସାହସ ରହିବା ଆବଶ୍ୟକ ।** ଆପଣମାନେ ନିଶ୍ଚିତ କରନ୍ତୁ ଯେ, କେବଳ ଆପଣଙ୍କର ଘରୋଇ ନିର୍ଗମନକୁ ହ୍ରାସ ନ କରି,viii ଆପଣଙ୍କର ନେଟ ଜିରୋ ପ୍ରତିଶ୍ରୁତି ସେହି ଲକ୍ଷ୍ୟ ଏବଂ ପଲିସୀଗୁଡ଼ିକୁ ଅନ୍ତର୍ଭୁକ୍ତ

କରେ ଯାହା ଆମଦାନୀକୃତ ସାମଗ୍ରୀ ଦ୍ୱାରା ହେଉଥିବା ନିର୍ଗମନ ହ୍ରାସ କରିବ ଏବଂ ନିଶ୍ଚିତ କରନ୍ତୁ ଯେ, ସେଗୁଡ଼ିକ ଅଫସେଟ କିଣିବା ଅପେକ୍ଷା ସେଗୁଡ଼ିକ ହେଉଛି ବାସ୍ତବ କାଟ । ଆପଣଙ୍କର ଜାତୀୟ ନିର୍ଦ୍ଧାରିତ ଅବଦାନରେ ବିମାନ ଏବଂ ଜାହାଜ ପରିବହନକୁ ଅନ୍ତର୍ଭୁକ୍ତ କରି ଆପଣ ନିଶ୍ଚିତ ଭାବରେ ଏକ ଜରୁରୀ ପଦକ୍ଷେପ ଗ୍ରହଣ କରିବେ । ଆମର ଭୂମିକା ନିର୍ବାହ କରିବାକୁ ଆମେ ଆମର କ୍ରେତାମାନଙ୍କ ସହିତ କାମ କରିବାକୁ ପ୍ରସ୍ତୁତ ଅଛୁ, କିନ୍ତୁ ଆପଣମାନେ ନିଶ୍ଚିତ ଆଗକୁ ଆସିବା ଦରକାର ।

3. ଭବିଷ୍ୟତ ବାଣିଜ୍ୟ ବୁଝାମଣାଗୁଡ଼ିକ ଅଧିକ-କାର୍ବନ ସୃଷ୍ଟି ହେଉଥିବା ବାଣିଜ୍ୟ ଠାରୁ ବିରତ ରହି **ବାଣିଜ୍ୟକୁ ଉଚିତ ଭାବରେ ଏବଂ ସ୍ୱଳ୍ପ-ନିର୍ଗମନ ସୃଷ୍ଟି ଉପାୟରେ ଆଗକୁ ନେବା ଉଚିତ** । ଦିର୍ଘସ୍ଥାୟୀତ୍ୱ ଏବଂ ଜଳବାୟୁ ସଙ୍କଟକୁ ସମାଧାନ ଦିଗରେ ନିବେଶ କରୁଥିବା କୃଷକମାନଙ୍କ ଏବଂ ବ୍ୟବସାୟଗୁଡିକ ପ୍ରତି ବାଣିଜ୍ୟ ବୁଝାମଣାଗୁଡ଼ିକ ସାହାଯ୍ୟକାରୀ ହେବା ଉଚିତ, ଏବଂ ଜୀବାଶ୍ମ ଇନ୍ଧନ ବ୍ୟବହାର ପ୍ରୋତ୍ସାହନକୁ ବନ୍ଦ କରିବା ଉଚିତ ଏବଂ ନିଷ୍କାସନ, ଅବଶୋଷଣ ବଜାର ଡାଇନାମିକସ୍ ପ୍ରୋତ୍ସାହନକୁ ବନ୍ଦ କରିବା ଉଚିତ ।

4. **ଆପଣମାନେ ନିଶ୍ଚିତ ଭାବରେ ବ୍ୟବସାୟ ନିୟମାବଳୀକୁ ସୁଦୃଢ଼ କରିବେ**, ଯାହା ଫଳରେ ବ୍ୟବସାୟଗୁଡ଼ିକ ଦୀର୍ଘସ୍ଥାୟୀ ଯୋଗାଣ ଶୃଙ୍ଖଳରେ ନିବେଶ କରିବାକୁ, କୃଷକମାନଙ୍କ ଉଚିତ ଦାମ ପ୍ରଦାନ କରିବାକୁ, ଏବଂ ସେମାନଙ୍କ ଯୋଗାଣ ଶୃଙ୍ଖଳରେ ପରିବେଶଗତ ସମସ୍ୟାଗୁଡ଼ିକ ନିମନ୍ତେ ଦାୟିତ୍ୱବାନ ହେବା ପାଇଁ ଆଗ୍ରହୀ ହୋଇପାରିବେ । ପରିବେଶଗତ ଯଥାର୍ଥ ସମୀକ୍ଷା ଆମେ ଦେଖିବାକୁ ଚାହୁଁଛୁ- ଯାହା ଫଳରେ ବ୍ୟବସାୟଗୁଡ଼ିକ ବୃକ୍ଷହାନୀ ରୋକିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ– ଏବଂ ଆମେ ଏହାକୁ ସେହିସବୁ ଉପାୟରେ କାମରେ ଲଗାଯିବାକୁ ଦେଖିବାକୁ ଚାହୁଁ ଯାହା ଦ୍ୱାରା କୃଷକମାନଙ୍କୁ ବିଲ୍ ପଇଠ କରିବାକୁ ପଡ଼ିବ ନାହିଁ । ଯଦି ଜରୁରୀ ହୁଏ, ନିଜର ଦାୟିତ୍ୱ ପୂରଣ କରିବାରେ  ଖିଲାପ କରୁଥିବା ବ୍ୟବସାୟଗୁଡ଼ିକୁ ଆପଣମାନେ ବାଧ କରିବାକୁ ନିଶ୍ଚିତ ପ୍ରସ୍ତୁତ ରହିବା ଉଚିତ ।

ବିଗତ ଦୁଇ ବର୍ଷ ଧରି କୋଭିଡ୍-19 ଆମର ବିଶ୍ୱକୁ ବିଦୀର୍ଣ୍ଣ କରିଦେଇଛି । କିନ୍ତୁ, ଆମେମାନେ ଯଦି ଜଳବାୟୁ ସଙ୍କଟ ପାଇଁ ବର୍ତ୍ତମାନ ପଦକ୍ଷେପ ଗ୍ରହଣ କରିବା ନାହିଁ ତେବେ ଆମେ ଏମିତି ପରିସ୍ଥିତିର ସାମ୍ନା କରିବା ଯାହା ତୁଳନାରେ ଏହି କୋଭିଡର ଭୟାବହତା କିଛି ନୁହେଁ । ଏହି ମୁହୂର୍ତ୍ତକୁ କାମରେ ଲଗାଇବାକୁ, ଆମର କଥା ଶୁଣିବାକୁ, ଏବଂ ଲଗାତାର ଭାବରେ ଆମେ ଯେପରି ବିଶ୍ୱକୁ ଖାଦ୍ୟ ଦେଇପାରିବୁ ଏହା ନିଶ୍ଚିତ କରିବାକୁ ଆମେ ବିଶ୍ୱର ଖାଦ୍ୟ ଉତ୍ପାଦନକାରୀମାନଙ୍କର ପ୍ରତିନିଧି ଭାବରେ ଆପଣମାନଙ୍କୁ ନିବେଦନ କରୁଛୁ

**Signed on behalf of Fairtrade farmers and workers,**

**Mr Kouamé N'dri Benjamin-Francklin**

Producer Representative of Fairtrade Africa (FTA)

Board Member of FTA and Chairman of SCOOPS-ECAM, Yamoussoukro, Cote D'Ivoire

**Mr Miguel Munguía**

Producer Representative of Latin American and Caribbean Network of Fairtrade Small Producers and Workers (CLAC)

President of CLAC and Manager of Educe-Cooperativa

**Mr Meher Pravakar**

Producer Representative of Network of Asia and Pacific Producers (NAPP)

Board Member of NAPP and Project Director at Pratima Organic Grower Group

For more information, contact:
**media@fairtrade.org.uk**
**communications@fairtradeafrica.net**